## କୁକୁର କାମୁଡ଼ାରେ ଗୁରୁତର

ପାଟଣା, (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଦାଶରଥିପୁର ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତ କୁକୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ କୌଣସି ଏକ କାର୍ଯ୍ୟରେ ଡୁରୁମୁଙ୍ଗା ସ୍ଥିତ ପ୍ରଦାନ କାର୍ଯ୍ୟାଳୟକୁ ଆସି କାମ ସାରି ଘରକୁ ବାହାରିବା ସମୟରେ କୁକୁର ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

**ସଂକ୍ଷେପରେ**

## ବାଇକ୍ ଡିକି ଭାଙ୍ଗି ୪ଲକ୍ଷ ଲୁଟ୍

ପାଟଣା,୩।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ନିକଟରେ ମଙ୍ଗଳବାର ସାଢ଼େ ୧୦ଟାରେ ୨ଦୁର୍ବୃତ୍ତ ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ସୂଚନା ଅନୁଯାୟୀ, ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ପୁଟୁଲିଆ ଗ୍ରାମର ଭକ୍ତ ବନ୍ଧୁ ମହାନ୍ତ ତାଙ୍କ ମାଲିକ ତରୁଣ କୁମାର ଦାଶଙ୍କ ଚେକ୍ ନେଇ ବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଉଠାଇ ଧାନ ଗୋଦାମକୁ ଯିବା ବାଟରେ ତହସିଲ ସମ୍ମୁଖରେ ଗାଡି ରଖି ଜଣେ ମହିଳା ଓକିଲଙ୍କ ସହିତ କଥା ହେଉଥିଲେ। ସେହିସମୟରେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ଡିକି ଭାଙ୍ଗି ୪ ଲକ୍ଷ ଟଙ୍କା ଲୁଟିନେଇ ପାଟଣା ବଜାର ଅଭିମୁଖେ ଦ୍ରୁତ ଗତିରେ ଗାଡି ଚଳାଇ ଫେରାର ହୋଇଯାଇଛନ୍ତି। ଲୁଟେରାଙ୍କୁ ଧରିବାକୁ ପାଟଣା ପୋଲିସ ବିଭିନ୍ନ ଜାଗାରେ ଛାନ୍‌ଭିନ୍ ଜାରିରଖିଛି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ଅସିତ ରଞ୍ଜନ ମହାନ୍ତି ଓ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ପହଞ୍ଚି ତହସିଲ ଓ ବ୍ୟାଙ୍କର ସିସିଟିଭି ଆଧାର ରେ ତଦନ୍ତ ଜାରି ରଖିଛନ୍ତି।

## ଯୌତୁକ ନିର୍ଯାତନା ମାମଲା: ସ୍ୱାମୀ ଗିରଫ

ପଦ୍ମପୁର, ୩।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ପଞ୍ଚାୟତ ବହୁପୋଖରୀ ଗ୍ରାମର ରାମକୃଷ୍ଣ ନାୟକଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ମଙ୍ଗଳବାର ପୋଲିସ ଗିରଫ କରିଛି। ଆନ୍ଦୋଳା ପଞ୍ଚାୟତ ଜୋରାଗଡ଼ିଆ ଗ୍ରାମର ଡଲିରାଣୀ ନାୟକ ୨୦୧୩ ମସିହାରେ ରାମକୃଷ୍ଣଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପର ଠାରୁ ତାଙ୍କ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିଲେ। ଏନେଇ ଡଲିରାଣୀ ସୋମବାର ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ଦେହୁରୀ ଏକ ମାମଲା(ନଂ ୧୯୯/୨୧) ରୁଜୁ କରିବା ସହ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

## ଲୁହାପଥର ଚୋରା ଚାଲାଣ ବେଳେ ଚଢ଼ାଉ
## ୨ଟ୍ରକ୍, ଲୋଡର୍ ଜବତ: ୨ ଗିରଫ



ଯୋଡା, ୩।୮(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣିଡ଼ିହା ନିକଟସ୍ଥ ଧାତିକା ଗ୍ରାମ ପଡ଼ିଆରେ ଗତ ୧ତାରିଖ ଭୋର ସମୟରେ ଲୋଡର୍ ସାହାଯ୍ୟରେ ୨ଟି ଟ୍ରକ୍‌ରେ ଲୁହାପଥର ବୋଝେଇ କରୁଥିବାବେଳେ ପୋଲିସ ଚଢ଼ାଉ କରି ଟ୍ରକ ଓ ଲୋଡର୍‌କୁ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରକ ଡ୍ରାଇଭର ଜୟସିଂ ମୁଣ୍ଡା, ହେଲପର ଗୋପାଳ ଭଦ୍ରା ଏନେଇ ଏକ ମାମଲା (ନଂ.୯୬/୨୦୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅମିତ ଭୂୟାଁ କହିଛନ୍ତି। ଟ୍ରକଦ୍ୱୟରେ ପ୍ରାୟ ୧୪ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି।

## ସ୍ୱଚ୍ଛତା ନେଇ ସଚେତନତା

ବନ୍ତ,୩।୮(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଅଙ୍ଗନୱାଡି କେନ୍ଦ୍ର ଠାରେ ସ୍ୱଚ୍ଛତା ନେଇ ଗାଁ ପିଲାଙ୍କୁ ମଙ୍ଗଳବାର ସଚେତନ କରାଯାଇଥିଲା। ଭଦ୍ରକସ୍ଥିତ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱଚ୍ଛତା ପାଖୁଡା କାର୍ଯ୍ୟକ୍ରମରେ ନିଳୋକସ୍ଥିତ ସିଦ୍ଧ ବିନାୟକ ୟୁଥ୍ କ୍ଲବ ସହଯୋଗ କରିଥିଲା। ସାମାଜିକ କର୍ମୀ ହରି ନାରାୟଣ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ କେନ୍ଦ୍ରର ସଭ୍ୟ ବିକାଶ ମଲ୍ଲିକ ଉପସ୍ଥିତ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ପରେ ଗ୍ରାମ୍ୟ ରାସ୍ତା ସଫେଇ କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ କେନ୍ଦ୍ରର ସଦସ୍ୟା ଗୀତାଞ୍ଜଳୀ ବାରିକ, ୟୁଥ୍ କ୍ଲବର ସଭ୍ୟ ସୁଧାଂଶୁ ଦାଶ, ଦେବାଶିଷ ଦାଶ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବିପଦରେ ବୈତରଣୀ

(ନରେଶ ଚନ୍ଦ୍ର ପଟ୍ଟନାୟକ)
କେନ୍ଦୁଝର,୩।୮



■ଖଣି, ଶିଳ୍ପ ବର୍ଜ୍ୟରେ ବଢ଼ୁଛି ପ୍ରଦୂଷଣ
■ରକ୍ତବର୍ଣ୍ଣ ଧାରଣ କଲାଣି ନଦୀଜଳ
■ପାଳନ ହେଉନି ଶାହା କମିଶନ ନିର୍ଦ୍ଦେଶ

କେନ୍ଦୁଝର ଜିଲାର ଅମୃତ ଧାରା କୁହାଯାଉଥିବା ବୈତରଣୀ ନଦୀ ଏବେ ବିପଦରେ। ଖଣି ଓ ଶିଳ୍ପର ବର୍ଜ୍ୟବସ୍ତୁ ଏବଂ ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁ ହେଉଥିବା ମୃତ୍ତିକା କ୍ଷୟ ଆଦି କାରଣରୁ ନଦୀଶଯ୍ୟା ପୋତିହୋଇ ଯାଉଥିବାବେଳେ ଜଳ ପ୍ରଦୂଷିତ ହୋଇ ବିଷାକ୍ତ ହୋଇଯାଉଛି। ଫଳରେ କୋଟି କୋଟି ଜୀବଜନ୍ତୁ, ମଣିଷଙ୍କ ବଞ୍ଚିବାର ଆଧାର କୁହାଯାଉଥିବା ବୈତରଣୀ ନଦୀ କ୍ଷତିଗ୍ରସ୍ତ ହେବାକୁ ଲାଗିଥିବାରୁ ପରିବେଶବିତ୍ ଚିନ୍ତାପ୍ରକଟ କରିଛନ୍ତି। ଏହାର ସୁରକ୍ଷା ପାଇଁ ନଦୀ ଅବବାହିକାରେ ଥିବା ଖଣି ଓ ଶିଳ୍ପକୁ ବନ୍ଦ କରିବା ସହ ନଦୀ ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ବନୀକରଣ କରିବା ନେଇ ବିଭିନ୍ନ ସଂଗଠନ, ପରିବେଶବିତ୍‌ମାନେ ଦାବି କରିଆସୁଛନ୍ତି।

ଏପରିକି ଖଣି ମହାଦୁର୍ନୀତିର ଯାଞ୍ଚ କରୁଥିବା ଶାହା କମିଶନ ମଧ୍ୟ ତାଙ୍କ ରିପୋର୍ଟରେ ବୈତରଣୀ ନଦୀ କୂଳରେ ଖଣି ଖନନକୁ ବିରୋଧ କରିଥଲେ। ଉକ୍ତ ରିପୋର୍ଟକୁ ଆଧାର କରି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ବୈତରଣୀ ନଦୀ କୂଳରେ ଥିବା ୫୦ଟି କମ୍ପାନୀର ୫୫ଟି ଖଣି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲିଜ୍ ବାତିଲ କରିବା ନେଇ ପଦକ୍ଷେପ ନେବାକୁ କହିଥିଲେ। ହେଲେ ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଛି ତାହାର ସମୀକ୍ଷା ପାଇଁ ଦାବି ହେଉଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବଡ଼ ବଡ଼ କମ୍ପାନୀ କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବାରୁ ସେଭଳି ଦୃଢ଼ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି ବହୁ ବଡ଼ ବଡ଼ କମ୍ପାନୀ ଏହାର ପାଣିକୁ ଶିଳ୍ପ କାମରେ ବ୍ୟବହାର କରୁଛନ୍ତି। ଦୈନିକ ଲକ୍ଷ ଲକ୍ଷ ଲିଟର ପାଣି ପାଇପ୍ ଦ୍ୱାରା ଟାଣି ନେଉଛନ୍ତି।

ଜିଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ପାହାଡ଼ରୁ ବାହାରିଥିବା ବୈତରଣୀ ନଦୀ କେନ୍ଦୁଝର ବ୍ୟତୀତ ମୟୂରଭଞ୍ଜ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟର ହଜାର ହଜାର ଏକର ଅଞ୍ଚଳକୁ ପରିପୁଷ୍ଟ କରୁଛି। ପ୍ରାୟ ୩୬୦ କି.ମି. ଅତିକ୍ରମ କରି ଏହି ନଦୀ ଭଦ୍ରକ ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। ଏହାର କ୍ୟାଚ୍‌ମେଣ୍ଟ ଏରିଆ ୧୪,୨୧୮ ବର୍ଗ କି.ମି. ରହିଥିବାବେଳେ ଓଡ଼ିଶାରେ ୧୩,୪୮୨ ବର୍ଗ କି.ମି. ରହିଛି। ଏହାର ଅବବାହିକା ଓଡ଼ିଶାର ତୃତୀୟ ବୃହତ୍ ବୃଷ୍ଟିପାତ ଅଞ୍ଚଳ ବୋଲି କୁହାଯାଏ। ତେବେ ବିଗତ ୩୦ ବର୍ଷ ହେଲା ଏହାର ଅବବାହିକାରେ ଥିବା ଖଣି ଓ ଶିଳ୍ପ ଯୋଗୁ ଏହି ନଦୀ ଧୀରେ ଧୀରେ ପ୍ରଦୂଷିତ ହୋଇ ପୋତିହେବାକୁ ବସିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ସେଥିପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଜିଲା ଓ ରାଜ୍ୟସ୍ତରରେ ମଧ୍ୟ ଏହାର ସୁରକ୍ଷା ପାଇଁ ସଭାସମିତି, ଆଲୋଚନାଚକ୍ର କରାଯାଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। କିନ୍ତୁ ସୁରକ୍ଷା ପାଇଁ ଆଦୌ ପଦକ୍ଷେପ ଗ୍ରହଣ କରାଯାଇପାରିଲା ନାହିଁ। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି, ଆଇନ ଫାଙ୍କି ଖଣି କାମ ଚାଲିଥିଲା। ବିଳମ୍ବରେ ହେଉ ପଛେ ସରକାର କୋଟି କୋଟି ଜୀବଜନ୍ତୁଙ୍କ ହିତ ଦୃଷ୍ଟିରୁ ଏହି ନଦୀର ସୁରକ୍ଷା କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଜରୁରୀ। ନଚେତ ଏହି ନଦୀ ବିଲୁପ୍ତ ହୋଇଯିବ। ସେହିପରି ଓଡ଼ିଶା ନଦୀ ସୁରକ୍ଷା ସମିତି ସଭାପତି ମହେଶ୍ୱର ସାହୁ କହିଛନ୍ତି, ବୈତରଣୀ ନଦୀ ଖଣିଖାଦାନ ଯୋଗୁ ପ୍ରଦୂଷିତ ହୋଇଯାଉଛି। ଏହାର ସୁରକ୍ଷା ଦାୟିତ୍ୱ ସରକାରଙ୍କର ରହିଛି। ଏଣୁ ଏହାର ସୁରକ୍ଷା ପାଇଁ ଆଗାମୀ ଦିନରେ ଆନ୍ଦୋଳନ କରିବୁ। ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକଙ୍କୁ ପଚାରିବାରୁ ବୈତରଣୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ବିଭିନ୍ନ ସମୟରେ ଏହାର ନମୁନା ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି।



ମଙ୍ଗଳବାର ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଶେଷକୃତ୍ୟ ପୂର୍ବରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## 'ଅରୁଣ ନାମ ହିଁ ଯଥେଷ୍ଟ'

ବାଲେଶ୍ୱର ଅଫିସ, ୩।୮

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୫ ଥର ବିଧାୟକ ତଥା ବାମପନ୍ଥୀ ଚିନ୍ତାଧାରାର ରାଜନେତା ସମସ୍ତଙ୍କର ଆଦରଣୀୟ ଦାଦାଙ୍କ ବିୟୋଗରେ ବାଲେଶ୍ୱର ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏନେଇ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ପୌରୋହିତ୍ୟ କରି ସ୍ୱର୍ଗତ ଦେଙ୍କର କଲେଜ ପ୍ରତି ଥିବା ଅବଦାନ ଏବଂ ଛାତ୍ରଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧା ବିଷୟରେ ଆଲୋଚନା କରିଥିଲେ। ଆରମ୍ଭରୁ ଏହି ମହାବିଦ୍ୟାଳୟର ସଫଳତାରେ ତାଙ୍କର ସହଯୋଗ ସ୍ମରଣୀୟ। ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

'ମୋନା' ସଭାପତି ପ୍ରଭାକର ସାହୁ ଶୋକ ପ୍ରସ୍ତାବ ଆଗତ କରି ଦିବଂଗତ ନେତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ସ୍ୱର୍ଗତ ଦେଙ୍କୁ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ଶ୍ରମିକନେତା ଭାବେ ଅଭିହିତ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଓ ଡ.କେଶବ ଚରଣ ପଣ୍ଡା ଶ୍ରମିକ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ବୋଲି କହିଥିଲେ।

'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ଦିବଙ୍ଗତ ନେତାଙ୍କ ପାଇଁ ଶୋକସଭା ଆୟୋଜନ କରାଯାଇଥିଲା। ସେ ଜଣେ ସାଲିସବିହୀନ ସଂଗ୍ରାମୀ, ରାଜନେତା ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ।

ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ ଅରୁଣ ଦେଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି। ବାଲେଶ୍ୱରବାସୀ ଜଣେ ବାଗ୍ମୀ, ଗରିବ, ଖଟିଖିଆଙ୍କ ନେତା, ବିଧାନ ସଭାରେ

**ବିଭିନ୍ନ ମହଲରେ ଶୋକ**

ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ। ସଭାପତି ସୁବାସିନୀ ଜେନା, ମନସ୍ୱିନୀ ଦେବୀ, ସମ୍ପାଦକ କମଳାକାନ୍ତ ଦାଶ, ହୃଷିକେଶ ସାହୁ, ସଞ୍ଜୟ ପଣ୍ଡା, ଦେବେନ୍ଦ୍ର ଚୌଧୁରୀ, ଭାସ୍କର ମିଶ୍ର, ନୃସିଂହ ନାୟକ, ଜଗନ୍ନାଥ ଦତ୍ତ ପ୍ରମୁଖ ଶୋକଚାରଣ କରିଥିଲେ।

ଦିବଙ୍ଗତ ବିଧାୟକ ଦେଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର। କୌଣସି ରାଜନୈତିକ ଦଳର ନେତାଭାବେ ନୁହେଁ ବରଂ ଅରୁଣ ଦେ ଭାବରେ ସେ ଓଡ଼ିଶାରେ ଏକ ଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରତିପାଦିତ କରିଥିଲେ।

୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ସାରା ଓଡ଼ିଶାରେ ଏକ ପରିଚିତ ଚେହେରା ପାଲଟିଥିଲେ ଅରୁଣ ଦେ। ତାଙ୍କ ନାମ ହିଁ ଥିଲା ଯଥେଷ୍ଟ। ନିଜକୁ ରାଜନୀତିରେ ଏକ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇ ପାରିଥିଲେ। ତାଙ୍କ ବିୟୋଗ ବାଲେଶ୍ୱର ତଥା ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା ଜଣାଉଛି ବୋଲି ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି କହିଥିଲେ।

ସିପିଏମ୍ ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଛାତ୍ର ଆନ୍ଦୋଳନରୁ ଜନନେତା ହୋଇଥିଲେ ସ୍ୱର୍ଗତ ଦେ। ବାଲେଶ୍ୱରରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଗୁଡ଼ିକୁ ଗୋଟିଏ ମଞ୍ଚକୁ ଆଣିବାରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଶ୍ରମିକ ଆନ୍ଦୋଳନ ଲଢ଼େଇରେ ଏକ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି।

## ସେ ଥିଲେ ପ୍ରଭାବଶାଳୀ ଶ୍ରମିକନେତା

ରୂପସା, ୩।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଝୋଟକାରଖାନା ପରିସରରେ ମଙ୍ଗଳବାର ଶ୍ରମିକ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ଅରୁଣ ଦେଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ଜିଲାପରିଷଦ ସଭ୍ୟ ବରଦାପ୍ରସନ୍ନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। କାରଖାନା ଜେନେରାଲ ମ୍ୟାନେଜର ହୃଷିକେଶ ରାଉତ, ଶୁଭେଚ୍ଛୁ କମିଟି ସଭ୍ୟ ତପନ ଗିରି, ଶ୍ରୀଧର ବେହେରା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ସରପଞ୍ଚ ସଞ୍ଜୟ କୁମାର ସେଠୀ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ଯୁବନେତା ଦେବବ୍ରତ ବିଶ୍ୱାଳ, ସଂଘ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଉପସଭାପତି ଦୀପକ ପଣ୍ଡା, କୋଷାଧ୍ୟକ୍ଷ ଉମେଶ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଶା ରାଜନୀତିର ପ୍ରବୀଣ ରାଜନେତା ଅରୁଣ ଦେ ଜଣେ ପ୍ରଭାବଶାଳୀ ଶ୍ରମିକ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ନିରବିଚ୍ଛିନ୍ନ ଜନସେବା, ଶ୍ରମିକଙ୍କୁ ନ୍ୟାୟ ପାଇଁ ଲଢୁଆପଣ ତାଙ୍କୁ ଅମର କରି ରଖିବ ବୋଲି କହିଥିଲେ। ଶ୍ରମିକନେତା ହୃଷିକେଶ ମହାରଣା, ଗୌରହରି ବେହେରା, ପ୍ରତାପ ଚନ୍ଦ୍ର ବେହେରା, ଗୌରାଙ୍ଗ ବେହେରା ଓ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସମେତ ସମସ୍ତ ଶ୍ରମିକ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା ମାମଲା, ୯ ଗିରଫ

ଭଦ୍ରକ ଅଫିସ, ୩।୮

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଆବାସ ଯୋଜନା ଓ ଅନ୍ୟାନ୍ୟ ସରକାରୀ ଯୋଜନା ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଭାଜପା ପକ୍ଷରୁ ସୋମବାର ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣା ସମୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଚେୟାର, ଟେବୁଲ ଓ ନାମଫଳକ ଆଦି ଭଙ୍ଗାରୁଜା ହୋଇଥିଲା। ବିଡିଓ ବସନ୍ତ କୁମାର ସାହାଣୀଙ୍କ ପକ୍ଷରୁ ଭଙ୍ଗାରୁଜାକାରୀଙ୍କ ବିରୋଧରେ ତିହିଡ଼ି ଥାନାରେ ଏତଲା ଦାଏର କରାଯାଇଥିଲା। ପୋଲିସ ଏକ ମାମଲା (ନଂ ୩୦୫/୨୧)ରୁଜୁ କରି ମଙ୍ଗଳବାର ୯ ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଜୟପୁର ଗାଁର ଅମର କୁମାର ନାୟକ, ଦେଉଳାର ଶରତ କୁମାର ନାୟକ, ଦୋଳସାହିର ଭବାନୀ ଶଙ୍କର ଜେନା, ନୂଆପାଟଣାର ଧର୍ମେନ୍ଦ୍ର ପରିଡ଼ା, ନିଶିକାନ୍ତ ନାୟକ, ଦେବେନ୍ଦ୍ର ପରିଡ଼ା ଓ ଲଲାଟେନ୍ଦୁ ପରିଡ଼ା, ଗାଜିପୁରର ମାନସ ରଞ୍ଜନ ସାହୁ ଓ ଗୋପୀନାଥ ବିଶ୍ୱାଳ ବୋଲି ଜଣାପଡ଼ିଛି।

### ବେଆଇନ ଗିରଫଦାରିକୁ ନିନ୍ଦା କଲା ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତା।

ଭଦ୍ରକ ଅଫିସ

ତିହିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଉତ୍ତେଜିତ ଆନ୍ଦୋଳନକାରୀଙ୍କ ପକ୍ଷରୁ ଭଙ୍ଗାରୁଜା କରାଯିବା ଘଟଣାରେ ପୋଲିସ ମଙ୍ଗଳବାର ୯ ଜଣଙ୍କୁ ଗିରଫ କରିଛି। ଏହି ଗିରଫଦାରୀକୁ ଭାଜପା ନିନ୍ଦା କରିବା ସହ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲା। ପ୍ରକୃତ ଭଙ୍ଗାରୁଜା କରିଥିବା ଲୋକଙ୍କୁ ଗିରଫ କରାଯାଉ ବୋଲି ଦାବି କରିବା ସହ ଆନ୍ଦୋଳନକାରୀଙ୍କୁ ଗିରଫ ନ କରିବା ପାଇଁ ଚେତାବନୀ ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଜିଲା ସଭାପତି ହେମନ୍ତ ପାଢ଼ୀ, ବଦ୍ରିନାରାୟଣ ଧଳ, ଅଭିମନ୍ୟୁ ସେଠୀ, ଶ୍ରୀହର୍ଷ ସ୍ୱାଇଁ, ମଣ୍ଟୁ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଭାଜପାକୁ ବଦ୍‌ନାମ କରିବାକୁ ଶାସକ ଦଳର ଏହା ଏକ ଷଡ଼ଯନ୍ତ୍ର ବୋଲି ଭାଜପା ନେତା ମାନେ କହିଛନ୍ତି। ଆଗାମୀ ଦିନରେ ଏଭଳି ନିରୀହଙ୍କୁ ଗିରଫ କଲେ ସମସ୍ତ ବ୍ଲକ, ଥାନା ଘେରାଉ କରାଯିବା ସହ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

## ସମସ୍ତେ ପ୍ରଥମ ଶ୍ରେଣୀରେ ପାସ୍

ବାରିପଦା ଅଫିସ,୩।୮

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ମୟୂରଭଞ୍ଜ ଜିଲା ଶାଳବଣିସ୍ଥିତ ନବୋଦୟ ବିଦ୍ୟାଳୟର ସମସ୍ତ ୭୮ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଛାତ୍ରୀ ଇପ୍‌ସିତା କୁମ୍ଭକାର, ଆର୍ଯ୍ୟ କୁମାରୀ ମହାନ୍ତ ଓ ଶ୍ୱାତୀ ମହାନ୍ତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅଧକ୍ଷ ଦୀନେଶ କୁମାର ଜଣାଇଛନ୍ତି।

## ଜବରଦଖଲ ଉଚ୍ଛେଦ

ବାସୁଦେବପୁର/ପଦ୍ମପୁର, ୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କିସ୍ମତ କୃଷ୍ଣପୁର ପଞ୍ଚାୟତରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପପାର୍କ ପାଇଁ ୬୬.୪୭ ଏକର ଜମି ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ସ୍ଥାନରେ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ, ଭଣ୍ଡାରଣ ତଥା ବିଭିନ୍ନ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯିବ। ଏହି ପ୍ରସ୍ତାବିତ ପାର୍କରେ କେତେଜଣ ବ୍ୟକ୍ତି ବିଶେଷ ଜବରଦଖଲ କରିଥିଲେ। ଫଳରେ ଇଡ୍‌କୋ ତରଫରୁ ସ୍ଥାପିତ ହେବାକୁ ଥିବା ଏହି ପାର୍କ ପ୍ରତିଷ୍ଠାରେ ବିଳମ୍ବ ହେଉଥିଲା। ଏନେଇ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ମଧ୍ୟ ପ୍ରଦାନ କରାଯାଇଥିଲା। ତଥାପି ଜବରଦଖଲ ନ ହଟିବାରୁ ମଙ୍ଗଳବାର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର, ରାଜସ୍ୱ ନିରୀକ୍ଷକ ବୁଲବୁଲ ସିଂ, ସଶସ୍ତ୍ର ପୋଲିସ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜବରଦଖଲ ସ୍ଥଳରେ ଥିବା ଅନନ୍ତ ନାରାୟଣ ସେବାଶ୍ରମର କର୍ମକର୍ତ୍ତାଙ୍କୁ ତହସିଲଦାର ଓ ଥାନାଧିକାରୀ ଦୀର୍ଘ ସମୟ ଧରି ବୁଝାସୁଝା କରିବା ପରେ ଶାନ୍ତିପୂର୍ଣ୍ଣ ଭାବେ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

## ଖଣିଜ ଚୋରି ରୋକିବାକୁ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି

ଯୋଡ଼ା,୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ଖଣି ଅଞ୍ଚଳରେ ଚୋରା ଖଣିଜ କାରବାର ବୃଦ୍ଧି ପାଉଥିବାରୁ ଜିଲାପାଳ ଏହାକୁ କିପରି ରୋକାଯିବ ସେନେଇ ଏକ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରିଥିଲେ। ଉକ୍ତ କମିଟିରେ ବନବିଭାଗ ,ଖଣି ବିଭାଗ, ପୋଲିସ ପ୍ରଶାସନ, ଆଞ୍ଚଳିକ ପରିବହନ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କୁ ସାମିଲ କରାଯାଇଥିବା ଜିଲାପାଳ ଘୋଷଣା କରିଥିଲେ। ରେଳ ସାଇଡିଙ୍ଗ ଗୁଡ଼ିକରେ ସିସି କ୍ୟାମେରା ଲଗାଇବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲାପାଳଙ୍କ ସହିତ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରା, ବଡ଼ବିଲ ଏସ୍‌ଡିପିଓ ହିମାଂଶୁଭୂଷଣ ବେହେରା, ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ, ବାମେବାରୀ ଓଆଇସି ଅମିତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟାସ୍କଫୋର୍ସ କମିଟିକୁ ଜିଲାପାଳ ୨ଟି ଗାଡ଼ି ଯୋଗାଇଦେଇଥିଲେ।

## ସଙ୍ଗଠନ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

ରୂପସା, ୩।୮(ଡି.ଏନ.ଏ.)

**ବସ୍ତାରେ ଭାଜପା ନିର୍ବାଚନୀ ବିଗୁଲ**

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ବସ୍ତା ନିର୍ବାଚନ ମଣ୍ଡଳୀରେ ଭାଜପା ବିଗୁଲ ବଜାଇଛି। ଏନେଇ ଏକ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ପ୍ରଦୀପ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ବସ୍ତା ବିଧାନସଭାକ୍ଷେତ୍ର ନବନିଯୁକ୍ତ ପ୍ରଭାରୀ ଗଙ୍ଗାଧର ମିଶ୍ର, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର କୁମାର ନାୟକ, ଯୁବମୋର୍ଚ୍ଚା ଉପସଭାପତି ରାଜେନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଶିବଶଙ୍କର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, କୃଷକମୋର୍ଚ୍ଚା ସଭାପତି ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସମସ୍ତ ଯୋଜନାକୁ ଅସ୍ତ୍ର କରି କିଭଳି ସଙ୍ଗଠନର ଶକ୍ତିବୃଦ୍ଧି ହେବ ସେ ଦିଗରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ।



ନିର୍ବାଚନମଣ୍ଡଳୀ ପ୍ରଭାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରନ୍ଧାଖାଦ୍ୟ ପ୍ରଦାନରେ ଅନିୟମିତତା ଅଭିଯୋଗ

ବାରିପଦା ଅଫିସ,୩।୮



ଅଭିଯୋଗ କରିବାକୁ ଆସିଥିବା ମଧୁବନ ୭ନଂ ୱାର୍ଡର ମହିଳାମାନେ।

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦର ମଧୁବନ ଅଞ୍ଚଳରେ ବସବାସ କରୁଥିବା ଗରିବ ଓ ନିସହାୟଙ୍କୁ କୋଭିଡ୍ ସମୟରେ ରନ୍ଧାଖାଦ୍ୟ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଶତାଧିକ ମହିଳା ମ୍ୟୁନସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସଦର ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ମଧୁବନ ଅଞ୍ଚଳର ୭ନଂ.ୱାର୍ଡର ଗରିବ ଓ ନିଃସହାୟ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ପୌର ପରିଷଦ ପକ୍ଷରୁ ଏକ ଏସ୍‌ଏଚ୍‌ଜି ଗ୍ରୁପକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଅଞ୍ଚଳବାସୀଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଇ ନ ଥିବା ବେଳେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ମିଶି ୨୩୦ଜଣଙ୍କୁ ଏହି ଖାଦ୍ୟ ପ୍ରଦାନ ବାବଦରେ ବିଲ୍ ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଖାଦ୍ୟ ପ୍ରଦାନ ସମୟରେ ମିଥ୍ୟା ଫଟୋ କପି ଓ ହିତାଧିକାରୀଙ୍କ ଦସ୍ତଖତ ଟିପଚିହ୍ନ ଦାଖଲ କରି ଠକେଇ କରାଯାଇଥିବା ଅଞ୍ଚଳର ନିରୁପମା ସେଠୀ, ସୁମିତ୍ରା ସାମଲ, ମୀନାକ୍ଷୀ ପଲେଇ ପ୍ରକାଶ କରିଛନ୍ତି। ତେବେ ଏହାକୁ ବିରୋଧ କରିବା ପାଇଁ ସମ୍ପୃକ୍ତ ଗ୍ରୁପର ମହିଳା ଜଣକ ଅଞ୍ଚଳବାସୀଙ୍କ ନାମରେ ଟାଉନ ଥାନାରେ ମିଥ୍ୟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ପ୍ରକାଶ କରିବା ପରେ ଅଞ୍ଚଳବାସୀ ମିଳିତ ଭାବେ ଏସ୍‌ପିଙ୍କୁ ଭେଟି ଅବଗତ କରାଇଛନ୍ତି। ତେବେ ଠକେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ସୋନାଲୀ ମହାପାତ୍ର, ହରପ୍ରିୟା ସେଠୀ, ବାସନ୍ତୀ ବାରିକଙ୍କ ସମେତ ମହିଳାମାନେ ଦାବି କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ଅନ୍ୟା ଦାସ କୁହନ୍ତି, ଅଭିଯୋଗ ଆସିବା ପରେ ସମ୍ପୃକ୍ତ ଏସ୍‌ଏଚ୍‌ଜି ଗ୍ରୁପର ବିଲ୍ ବନ୍ଦ କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

